# NATIONAL NEWS BULLETIN (ODIA)
## 2 April - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- କୋଇଲା ଓ ଲିଗ୍‌ନାଇଟ୍ ଉତ୍ପାଦନ ଏକ ବିଲିୟନ୍ ଟନ୍ ଅତିକ୍ରମ କରିବା ଦ୍ୱାରା ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ଦିଗରେ ଦେଶ ଆଉ ଏକ ପାଦ ଆଗେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ସୀମାରେ ଉତ୍ତେଜନା ପ୍ରଶମିତ ନ ହେବା ପର୍ଯ୍ୟନ୍ତ ପାକିସ୍ତାନ ସହିତ କୌଣସି ବାଣିଜ୍ୟ କାରବାର କରିବା ସମ୍ଭବ ନୁହେଁ ।
- ପ୍ରଧାନମନ୍ତ୍ରୀ ଆଜି ଉତ୍ତରାଖଣ୍ଡ ଓ ରାଜସ୍ଥାନ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

– ନିର୍ବାଚନ ପ୍ରଚାର ଲାଗି ଆଜି କର୍ଣ୍ଣାଟକ ଗସ୍ତ କରିବେ ବିଜେପିର ବରିଷ୍ଠ ନେତା ଅମିତ ଶାହା ।

- ଆସନ୍ତା ଜୁନ୍ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ସହିତ ପ୍ରଥମଥର ଲାଗି ଡକ୍ୟୁମେଣ୍ଟାରୀ ଫିଲ୍ମ ବଜାର ଆୟୋଜିତ ହେଉଛି ।

ଏବଂ

- ଆଇପିଏଲ୍‌ରେ ଆଜି ବେଙ୍ଗାଲୁରୁ ଠାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ ।

# ପିଏମ୍-କୋଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶରେ କୋଇଲା ଓ ଲିଗ୍‌ନାଇଟ୍ ଉତ୍ପାଦନ ଏକ ବିଲିୟନ୍ ଟନ୍ ଅତିକ୍ରମ କରିବା ଭାରତ ଲାଗି ଏକ ଐତିହାସିକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଛି । ଏହାଦ୍ୱାରା କୋଇଲା କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହୋଇଛି । କୋଇଲା ମନ୍ତ୍ରୀ ପ୍ରହଲାଦ ଯୋଶୀଙ୍କର ଏ ସଂପର୍କିତ ସୂଚନା ଉପରେ ପ୍ରତିକ୍ରିୟା ଦେଇ ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଏହା ଏକ ଉଲ୍ଲେଖନୀୟ ସଫଳତା । ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ଦିଗରେ ଦେଶ ଅଗ୍ରଗତି କରୁଛି ବୋଲି ପ୍ରମାଣିତ ହୋଇଛି ।

କୋଇଲା ମନ୍ତ୍ରୀ ଶ୍ରୀ ଯୋଶୀ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ପ୍ରଥମଥର ଲାଗି ଦେଶରେ କୋଇଲା ଏବଂ ଲିଗ୍‌ନାଇଟ୍ ଉତ୍ପାଦନ ଏକ ବିଲିୟନ୍ ଟନ୍ ଅତିକ୍ରମ କରିଛି । ଏ କ୍ଷେତ୍ରରେ ସରକାର ଆବଶ୍ୟକ ସହାୟତା ଓ ସହଯୋଗ ଯୋଗାଇଦେବା ଦ୍ୱାରା ଗତ ୧୦ ବର୍ଷରେ ଦେଶରେ କୋଇଲା ଓ ଲିଗ୍‌ନାଇଟ୍ ଉତ୍ପାଦନ ହାର ୭୦ ପ୍ରତିଶତ ବୃଦ୍ଧି ପାଇଛି । ଏହି ଉଲ୍ଲେଖନୀୟ ସଫଳତା ଲାଗି କୋଇଲା ମନ୍ତ୍ରୀ ସମସ୍ତ ପକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ କୋଇଲା ଖଣି କ୍ଷେତ୍ରର ରୂପାନ୍ତିକରଣ କରାଯିବା ଦ୍ୱାରା 'ବିକଶିତ ଭାରତ'ର ସ୍ୱପ୍ନ ସାକାର କରିବା ଦିଗରେ ସହାୟ ହୋଇପାରିଛି ବୋଲି ଶ୍ରୀ ଯୋଶୀ କହିଛନ୍ତି ।

## ଜୟଶଙ୍କର-ସୁରଟ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ସୀମାରେ ଉତ୍ତେଜନା ପ୍ରଶମିତ ନ ହେବା ପର୍ଯ୍ୟନ୍ତ ପାକିସ୍ତାନ ସହିତ କୌଣସି ବାଣିଜ୍ୟ କାରବାର କରିବା ସମ୍ଭବ ନୁହେଁ । ଗତକାଲି ସୁରଟ ଠାରେ ଦକ୍ଷିଣାଞ୍ଚଳ ଗୁଜରାଟ ଚାମ୍ବର୍ ଅଫ୍ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଆୟୋଜିତ **"Bharat's Economic Rising"** ସମ୍ମିଳନୀରେ ଉଦ୍‌ବୋଧନ ଦେଇ

ସେ ଏହା କହିଛନ୍ତି । ଶ୍ରୀ ଜୟଶଙ୍କର କହିଛନ୍ତି, କୌଣସି ପ୍ରକାରରେ ମଧ୍ୟ ସନ୍ତ୍ରାସବାଦକୁ ଆଦୌ ବରଦାସ୍ତ କରାଯିବ ନାହିଁ ।

ଅନ୍ୟ ପକ୍ଷରେ ଅରୁଣାଚଳ ପ୍ରଦେଶକୁ ଚୀନ୍ ନିଜର ବୋଲି ଦାବି କରୁଥିବା ସମ୍ପର୍କରେ ପ୍ରତିକ୍ରିୟା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, ଅରୁଣାଚଳ ପ୍ରଦେଶ ସର୍ବଦା ଭାରତର ଏକ ଅଙ୍ଗ ହୋଇ ରହିଛି ଓ ରହିବ । ନାମ ପରିବର୍ତ୍ତନ କରିଦେଲେ ଏହି ଭାରତୀୟ ରାଜ୍ୟ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ।  ତେବେ ଅର୍ଥନୈତିକ ଦୃଷ୍ଟିରୁ ଚୀନ୍‌କୁ ପ୍ରତିହତ କରିବାକୁ ହେଲେ ଦେଶରେ ଉତ୍ପାଦନ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି ।

## ପିଏମ୍-ଉତ୍ତରାଖଣ୍ଡ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରାଖଣ୍ଡରେ ପ୍ରଥମ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବେ । ଆଗାମୀ ଲୋକସଭା ନିର୍ବାଚନ ଲାଗି ଉତ୍ତରାଖଣ୍ଡର ନୈନିତାଲ ଉଧମ ସିଂହ ନଗର ଲୋକସଭା ଆସନ ଲାଗି ଶ୍ରୀ ମୋଦୀ ରୁଦ୍ରପୁର ଠାରେ ଆୟୋଜିତ ହେବାକୁ ଥିବା ଏକ ଜନସମାବେଶରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିବେ । ଏହି ଆସନ ଲାଗି ବିଜେପି ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଅଜୟ

ଭଟ୍ଟ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପ୍ରକାଶ ଯୋଶୀ କଂଗ୍ରେସ ପକ୍ଷରୁ ସେଠାରେ ପ୍ରାର୍ଥୀ ହୋଇଛନ୍ତି ।

ରାଜ୍ୟରେ ୫ଟି ଯାକ ଲୋକସଭା ଆସନ ଲାଗି ଆଗାମୀ ୧୯ ତାରିଖରେ ଏକକ ପର୍ଯ୍ୟାୟରେ ମତଦାନ କରାଯିବ । ଏହି ୫ଟି ଆସନରେ ମୋଟ୍ ୫୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ୧୯ ତାରିଖ ଦିନ ମୋଟ୍ ୮୩ଲକ୍ଷ ୩୭ହଜାର ୯୧୪ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବା ସହିତ ଏହି ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ ।

## ପିଏମ୍-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ରାଜସ୍ଥାନ ଗସ୍ତ କରି ଜୟପୁର ଗ୍ରାମାଞ୍ଚଳ ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱତା କରୁଥିବା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଏହି ଅବସରରେ କୋଟପୁଟଲି ଠାରେ ଆୟୋଜିତ ହେବାକୁ ଥିବା ଏକ ଜନସମାବେଶରେ ଶ୍ରୀ ମୋଦୀ ଦଳୀୟ ପ୍ରାର୍ଥୀ ରାଜେନ୍ଦ୍ର ସିଂହଙ୍କୁ ବିଜୟୀ କରାଇବା ଲାଗି ଜନସାଧାରଣଙ୍କୁ ନିବେଦନ କରିବେ । ଆଗାମୀ ସାଧାରଣ ନିର୍ବାଚନ ଘୋଷଣା ହେବା ପରେ ଭୋଟ ପ୍ରଚାର କରିବା ଲାଗି ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କର  ପ୍ରଥମ ରାଜସ୍ଥାନ ଗସ୍ତ । ରାଜସ୍ଥାନରେ ଆଗାମୀ ୧୯

ଓ ୨୬ ତାରିଖରେ ଦୁଇଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଲାଗି ମତଦାନ ଅନୁଷ୍ଠିତ ହେବ ।

## ଅମିତ ଶାହା-କର୍ଣ୍ଣାଟକ

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଦିନିକିଆ କର୍ଣ୍ଣାଟକ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ବେଙ୍ଗାଲୁରୁ ଠାରେ ଆୟୋଜିତ ହେବାକୁ ଥିବା ଶକ୍ତି କେନ୍ଦ୍ର ଦଳୀୟ କର୍ମୀଙ୍କୁ ସେ ଉଦ୍‌ବୋଧନ ଦେବେ । ପରେ ବେଙ୍ଗାଲୁରୁ ଗ୍ରାମାଞ୍ଚଳ ଲୋକସଭା ଆସନ ଅନ୍ତର୍ଗତ ଚାନ୍ନାପାଟନା ଠାରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ତଥା ନିର୍ବାଚନ ପରିଚାଳନା କମିଟିର ଆବାହକ ଭି. ସୁନୀଲ କୁମାର ଗତକାଲି ଗଣମାଧ୍ୟମକୁ କହିଛନ୍ତି । ସୁନୀଲ କୁମାର ଦେଇଥିବା ସୂଚନା ଅନୁଯାୟୀ ଶ୍ରୀ ଶାହା ଆଜି ୫ଟି ଲୋକସଭା ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବେ । ଏଥିସହିତ ଏହି ନିର୍ବାଚନ ମଣ୍ଡଳୀ ଗୁଡ଼ିକର କୋର୍ କମିଟି ସଦସ୍ୟଙ୍କ ସହିତ ମଧ୍ୟ ସେ ଆଲୋଚନା କରିବେ । ଏହାଛଡ଼ା ଜେ.ଡି.ଏସ୍. ରାଜ୍ୟ ସଭାପତି ଏଚ୍.ଡି. କୁମାର ସ୍ୱାମୀ ଗତକାଲି ଗଣମାଧ୍ୟମକୁ କହିଛନ୍ତି, ଆଜି ସକାଳେ ଶ୍ରୀ ଶାହାଙ୍କୁ ସେ ଭେଟିବା ସହିତ ରାଜ୍ୟର ରାଜନୈତିକ ସ୍ଥିତି ସମ୍ପର୍କରେ ଅବଗତ କରାଇବେ । ଏହାଛଡ଼ା ବିଜେପି ଓ ଜେ.ଡି.ଏସ୍. ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଯେଉଁଳି

ପ୍ରଚାର କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଶ୍ରୀ କୁମାରସ୍ୱାମୀ କହିଛନ୍ତି ।

## ଓଡ଼ିଶା-ସମ୍ବଲପୁର

ଓଡ଼ିଶାର ସମ୍ବଲପୁର ଲୋକସଭା ଆସନ ଲାଗି ମୁଖ୍ୟତଃ ବିଜେପି ଓ ବିଜେଡ଼ି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ଏହି ଆସନରେ ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଶାସକ ବିଜେଡ଼ିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସେଠାରେ ପ୍ରାର୍ଥୀ ହୋଇଛନ୍ତି । ତେବେ କଂଗ୍ରେସ ପକ୍ଷରୁ ଏହି ଆସନ ଲାଗି ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ୨୦୦୯ ସାଧାରଣ ନିର୍ବାଚନରେ ସମ୍ବଲପୁରବାସୀ କଂଗ୍ରେସକୁ, ୨୦୧୪ରେ ବିଜେଡ଼ିକୁ ଓ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ବିଜୟୀ କରାଇଥିଲେ । ଏହିସବୁ ନିର୍ବାଚନରେ ବିଜୟୀ ପ୍ରାର୍ଥୀ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ୯ହଜାରରୁ ୩୦ ହଜାର ଭୋଟ୍‌ରେ ବିଜୟୀ ହୋଇଥିଲେ । ୨୦୦୯ ମସିହା ପୂର୍ବରୁ ବିଜେଡ଼ି ଓ ବିଜେପି ମେଣ୍ଟ ଗଠନ କରି ଏକାଠି ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏହି

ସମୟରେ ୧୯୯୮, ୧୯୯୯ ଓ ୨୦୦୪ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ମେଣ୍ଟ ପକ୍ଷରୁ ଏହି ଆସନଟି ବିଜେଡ଼ିକୁ ଛାଡ଼ି ଦିଆଯାଇଥିଲା । ବିଜେଡ଼ିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ତିନୋଟି ସାଧାରଣ ନିର୍ବାଚନରେ ନିର୍ବାଚିତ ହୋଇ ସମ୍ବଲପୁର ସାଂସଦ ଭାବେ ପ୍ରତିନିଧିତ୍ୱ କରିଛନ୍ତି ।

୨୦୧୯ ମସିହାରେ ଏହି ଲୋକସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ଆସନରୁ ୪ଟିରେ ବିଜେଡ଼ି ବିଜୟୀ ହୋଇଥିଲା । ଆଗାମୀ ମେ ୨୫ ତାରିଖ ଦିନ ଏହି ଲୋକସଭା ଆସନ ଲାଗି ମୋଟ୍ ୧୪ଲକ୍ଷ ୭୮ ହଜାର ୩୬୯ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ଓଡ଼ିଶାର ମୋଟ୍ ୨୧ ଲୋକସଭା ଆସନ ଏବଂ ୧୪୭ଟି ବିଧାନସଭା ଆସନ ଲାଗି ମେ ୧୩ ତାରିଖରୁ ୪ଟି ପର୍ଯ୍ୟାୟରେ ରାଜ୍ୟରେ ମତଦାନ ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ବିଜେପି-କେଜରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କ ସପକ୍ଷରେ ଆମ୍ ଆଦମୀ ପାର୍ଟି ଆପ୍‌ର ବିକ୍ଷୋଭ ପ୍ରଦର୍ଶନକୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ନିନ୍ଦା କରାଯାଇଛି । ଗତକାଲି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଉପଯୁକ୍ତ

ପ୍ରମାଣକୁ ଭିତ୍ତି କରି ଦିଲ୍ଲୀର ଏକ ଅଦାଲତ ଶ୍ରୀ କେଜରିଓ୍ୱାଲଙ୍କୁ କାରାଗାରକୁ ପଠାଇଛନ୍ତି । ଏହି ମାମଲାରେ ଦିଲ୍ଲୀ ସରକାରଙ୍କ ସମ୍ପୃକ୍ତି ଥିବା ବିଷୟ କ୍ରମଶଃ ସ୍ପଷ୍ଟ ହେବାରେ ଲାଗିଛି । ଗତ ରବିବାର ନୂଆଦିଲ୍ଲୀର ରାମଲିଲା ମଇଦାନ ଠାରେ ଜେଲ୍‌ରେ ଥିବା ଶ୍ରୀ କେଜରିଓ୍ୱାଲ ଓ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସମର୍ଥନରେ ବିରୋଧୀ ମେଣ୍ଟ ପକ୍ଷରୁ ଆୟୋଜିତ ଏକ ସମାବେଶ ସମ୍ପର୍କରେ ନିଜର ପ୍ରତିକ୍ରିୟା ଦେଇ ଶ୍ରୀ ତ୍ରିବେଦୀ କହିଛନ୍ତି, ବିଭିନ୍ନ ରାଜନୈତିକ ଦଳର ଯେଉଁ ନେତାମାନେ ଦୁର୍ନୀତି ମାମଲାରେ ସମ୍ପୃକ୍ତ ଅଛନ୍ତି ସେହି ନେତାମାନେ ଦିଲ୍ଲୀରେ ଏକତ୍ରିତ ହୋଇ ଦୁର୍ନୀତି ବିରୁଦ୍ଧରେ ଭାଷଣ ଦେଉଥିଲେ ।

## ଫିଲ୍ମ ଫେଷ୍ଟିଭାଲ୍

ଆସନ୍ତା ଜୁନ୍ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ୧୮ତମ ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ସହିତ ପ୍ରଥମଥର ଲାଗି ଡକ୍ୟୁମେଣ୍ଟାରୀ ଫିଲ୍ମ ବଜାର ଆୟୋଜିତ ହେଉଛି । ଏଥିଲାଗି ନିଜନିଜର ଚଳଚ୍ଚିତ୍ର ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାର ଶେଷ ତାରିଖକୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଏଥିଲାଗି ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖ ଥିଲା । ଏ ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କହିଛି, ଡକୁମେଣ୍ଟାରୀ, କ୍ଷୁଦ୍ର ଚଳଚ୍ଚିତ୍ର ଏବଂ ଆନିମେସନ୍ ବିଷୟବସ୍ତୁକୁ

ପ୍ରୋତ୍ସାହନ, ପ୍ରତିଭାର ବିକାଶ ତଥା ସହାୟତା ଯୋଗାଇଦେବା ଲାଗି ଏହି ଡକ୍ୟୁମେଣ୍ଟାରୀ ଫିଲ୍ମ ବଜାର ପ୍ରଥମଥର ଲାଗି ଆୟୋଜିତ ହେଉଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ' ମୁମ୍ବାଇ ଇଣ୍ଡିଆନ୍ସକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ଓ୍ୱିକେଟ୍ ହରାଇ ୧୨୫ରନ୍ କରିଥିଲା । ଦଳ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡିୟା ୨୧ଟି ବଲ୍‌ରୁ ୩୪ରନ୍ କରିଥିବା ବେଳେ ତିଲକ ବର୍ମା ୨୯ଟି ବଲ୍‌ରୁ ୩୨ରନ୍ ସଂଗ୍ରହ କରିଥିଲେ । ରାଜସ୍ଥାନ ରୟାଲ୍ସ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ଓ ୟୁସ୍‌ବେନ୍ଦ୍ର ଚହଲ୍ ୩ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ । ୧୨୬ରନ୍ ବିଜୟଲକ୍ଷ୍ୟର ପିଛା କରି ରାଜସ୍ଥାନ ରୟାଲ୍ସ ୧୫ ଓଭର ଓ ତିନୋଟି ବଲ୍‌ରେ ୪ଓ୍ୱିକେଟ୍ ହରାଇ ୧୨୭ରନ୍ କରିଥିଲା । ଦଳ ପକ୍ଷରୁ ରିଆନ୍ ପରାଗ୍ ୩୯ ବଲ୍‌ରୁ ୫୪ରନ୍ କରି ଅପରାଜିତ ରହିଥିଲେ । ଟ୍ରେଣ୍ଟ ବୋଲ୍ଟ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ରାଜସ୍ଥାନ ରାୟାଲ୍ସ ତିନୋଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ପଏଣ୍ଟ ତାଲିକାର ଶୀର୍ଷରେ  ଥିବାବେଳେ ସମସ୍ତ ମ୍ୟାଚ୍‌ରେ ପରାସ୍ତ ହୋଇ ମୁମ୍ବାଇ ଇଣ୍ଡିଆନ୍ସ ଏହି ତାଲିକାର ଶେଷରେ ରହିଛି ।

ଆଜି ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଠାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।